# ଏସିଆ ବିକାଶ ବ୍ୟାଙ୍କ(ADB)ର ଜନବିରୋଧୀ ଋଣ ନୀତି ବିରୋଧରେ  ଗଣ ପ୍ରତିବାଦ

ଭୁବନେଶ୍ୱର,ତା ୭-୫-୧୭: ବିଶ୍ୱ ବ୍ୟାଙ୍କ ଓ ଜାପାନ ବ୍ୟାଙ୍କ ପରେ ବିତ୍ତୀୟ ବିନିଯୋଗ କ୍ଷେତ୍ରରେ ତୃତୀୟ ବୃହତ୍ତର ବ୍ୟାଙ୍କ ଭାବେ ଉଭା  ହୋଇଥିବା 'ଏସିଆ ବିକାଶ ବ୍ୟାଙ୍କ'(ADB) ର ୫୦ତମ ବର୍ଷ ପୂର୍ତ୍ତି ପାଳନ ତଥା ଜନବିରୋଧୀ ଋଣ ନୀତିକୁ ବିରୋଧ କରି ରାଜଧାନୀ ଭୁବନେଶ୍ୱର ରେ ଏକ ଗଣ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି । ଏଡିବି ର ଋଣ ଗୁଡିକ ଭାରତ ସମେତ ବିଭିନ୍ନ ଦେଶର ବୃହତ ପ୍ରକଳ୍ପ ପାଇଁ ବିନିଯୋଗ କରାଯାଇଛି , ଯାହାର ପ୍ରଭାବରେ ପ୍ରଭାବରେ ସାଧାରଣ ଲୋକଙ୍କର ଜୀବନ-ଜୀବିକା ଅଭୂତପୂର୍ବ ଭାବେ କ୍ଷତିଗ୍ରସ୍ତ ହୋଇଛି । ଜଳ-ଜମି-ଜଙ୍ଗଲ ଉପରେ ଲୋକଙ୍କର ଅଧିକାର କ୍ଷୁର୍ଣ୍ଣ ହେବା ସାଥେ ସାଥେ ଉଦାରୀକରଣ, ଘରୋଇକରଣ ଅର୍ଥନୀତି ଯୋଗୁଁ ଆଦିବାସୀ, ଦଳିତ ଓ ବିଭିନ୍ନ ପାରମ୍ପରିକ ବୃତ୍ତି ରେ ଜୀବିକା ନିର୍ବାହ କରୁଥିବା ଗୋଷ୍ଠୀ ଙ୍କ ଗୋଷ୍ଠୀଗତ ଜୀବନ ଧୂଳିସାତ ହୋଇଛି । ଏହି ତଥାକଥିତ ବିକାଶ ଏବଂ ଗୁପ୍ତ ବିନିଯୋଗ ବିଭିନ୍ନ ଦେଶର ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବିଧି-ବ୍ୟବସ୍ଥା ପ୍ରତି ଏକ ବିପଦ ତଥା ଆହ୍ୱାନ ଭାବରେ ଉଭା ହୋଇଛି ବୋଲି ପ୍ରତିବାଦକାରୀ ମାନେ ଅଭିଯୋଗ କରିଛନ୍ତି ।

ଲୋକଶକ୍ତି ଅଭିଯାନ, ଇନସାଫ, ଅଖିଳ ଭାରତ ଜନମଞ୍ଚ , ଭୂମି ଅଧିକାର ଆନ୍ଦୋଳନ ଓ ନ୍ୟାସନାଲ ହକର୍ସ ଫେଡେରେସନ ପ୍ରମୁଖ ସଂଗଠନ ମାନେ ଆୟୋଜିତ ଏହି ପ୍ରତିବାଦରେ ଏସିଆ ବିକାଶ ବ୍ୟାଙ୍କର ଧ୍ୱଂସାଭିମୁଖୀ, ବୈଷମ୍ୟ ପୂର୍ଣ୍ଣ ତଥାକଥିତ ବିକାଶ କୁ ବିରୋଧ କରିବା ସାଥେ ସାଥେ ବ୍ୟାଙ୍କର ଏପରି   ଅଗଣତାନ୍ତ୍ରିକ , ଅସ୍ୱଚ୍ଛ , ଘୋର ଉତ୍ତରଦାୟିତ୍ୱ ର ଅଭାବ ଏବଂ ବିଶେଷ କରି ପରିବେଶ ଅସନ୍ତୁଳନ କରି ଋଣ ତଥା ବିନିଯୋଗ ବିରୋଧରେ ପ୍ରତିବାଦ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଏସିଆ ବିକାଶ ବ୍ୟାଙ୍କ ର ଏହି ଜନବିରୋଧୀ ଋଣ ନୀତି ଫଳରେ  ଆଦିବାସୀ, ଦଳିତ, ମହିଳା, ଭୂମିହୀନ, ବସ୍ତିବାସିନ୍ଦା, ମତ୍ସ୍ୟଜୀବୀ, ବୁଣାକାର ଇତ୍ୟାଦି ବିଶେଷ ଭାବେ କ୍ଷତିଗ୍ରସ୍ଥ ହୋଇ ଦେଶାନ୍ତର ବା ଦାଦନ ଯିବାକୁ ବାଧ ହେଉଛନ୍ତି ।

ବିକାଶ ନାମରେ ବିସ୍ଥାପନ ପ୍ରକ୍ରିୟାରେ ନିୟମଗିରୀ ର ଡ଼ଙ୍ଗରିଆ ଆଦିବାସୀ ମାନଙ୍କୁ ସେମାନଙ୍କ ଜୀବନ-ଜୀବିକା ରୁ ଉଚ୍ଛେଦ କରିବାର ସୁଦୂର ପ୍ରସାରୀ ଚକ୍ରାନ୍ତ କୁ ମଧ ଏହି ତଥାକଥିତ ବିକାଶ ର ଏକ ଅଙ୍ଗ ବୋଲି ସେମାନେ ଦର୍ଶାଇଛନ୍ତି । ନିୟମଗିରିର ଗଣ ଆନ୍ଦୋଳନ ଉପରେ ରାଷ୍ଟ୍ର ଦମନ କୁ ଦୃଢ ନିନ୍ଦା କରିବା ସହିତ ଏସିଆ ବିକାଶ ବ୍ୟାଙ୍କ ଭଳି ଅଗଣତାନ୍ତ୍ରିକ ଓ ଜନବିରୋଧୀ ସଂସ୍ଥା ମାନଙ୍କୁ ତୁରନ୍ତ ରଦ୍ଦ କରି ଏକ ଲୋକାଭିମୁଖୀ, ଗଣତାନ୍ତ୍ରିକ, ପାରଦର୍ଶୀ ଓ ସମତାମୂଳକ ବିକାଶ ନୀତି ପ୍ରସ୍ତୁତ ଓ ପ୍ରଣୟନ କରିବାକୁ ସେମାନେ ଦାବି କରିଥିଲେ । ବିଭିନ୍ନ ସଂଗଠନ ପକ୍ଷରୁ ସର୍ବଶ୍ରୀ ନରେନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ସାମନ୍ତରା, ସୁରେଶ ପାଣିଗ୍ରାହୀ, ଜୟନ୍ତ ଦାସ, ମହେନ୍ଦ୍ର ପରିଡା, ଚିତ୍ତ ବାରିକ, ଲିଙ୍ଗରାଜ, ବିଶ୍ୱପ୍ରିୟ କାନୁନଗୋ, ଜୟନ୍ତ ଦାସ, କଲ୍ୟାଣ ଆନନ୍ଦ,ପ୍ରଦୀପ୍ତ ନାୟକ, ଅମିୟ ପାଣ୍ଡବ, ଶ୍ରୀମନ୍ତ ମହାନ୍ତି, ନିତୁ ଚାକିଆ, ଡଃ ଶ୍ରୀଚରଣ, ସନ୍ଦୀପ ପଟ୍ଟନାୟକ, ପ୍ରଦୀପ ସାହୁ, ତପନ ପାଢ଼ୀ,ରାଜନାରାୟଣ ଡାଲୁଆ, ସୀମାଞ୍ଚଳ ନାହାକ, ସୌମେନ ରାୟ, ରାଧାକାନ୍ତ ସେଠୀ, ବିଶ୍ୱନାଥ ପାତ୍ର ଓ ବଂଶିଧର ପରିଡା ପ୍ରମୁଖ ଏହି ପ୍ରତିବାଦର ନେତୃତ୍ୱ ନେଇଥିଲେ ।

NEWS BY : ନରେନ୍ଦ୍ର ମହାନ୍ତି, ଫୋନ: ୯୪୩୭୪୨୬୬୪୭//୭୦୦୮୪୮୩୬୨୨